# ଖତ ଖାଉଛି ସରକାରଙ୍କ ଗାଡ଼ି

## ନୂଆ ପାଇଲେ, ପୁରୁଣାକୁ ଭୁଲିଗଲେ

**ଯାଜପୁରଟାଉନ,୫।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**


ଜିଲା ପ୍ରଶାସନ ଦ୍ୱାରା କିଣାଯାଇଥିବା ଗାଡ଼ି ପଡ଼ି ନଷ୍ଟ ହେଉଛି।

ଏ-୧ ଅଫିସରଙ୍କ ଗମନାଗମନ ପାଇଁ ସରକାରଙ୍କ ପକ୍ଷରୁ ୪ ଚକିଆ ଗାଡ଼ି ନିୟୋଜିତ ହୋଇଥାଏ। ମାତ୍ର ଏହି ଗାଡ଼ିଗୁଡ଼ିକୁ ୪ ରୁ ୫ ବର୍ଷ ବ୍ୟବହାର ପରେ ପୁର୍ନବାର ନୂଆ ଗାଡ଼ିର ବ୍ୟବସ୍ଥା କରାଯାଉଛି। ସରକାରଙ୍କ ନିୟମ ଅନୁସାରେ ଗୋଟିଏ ଗାଡ଼ି ୧୫ ବର୍ଷ ଚଳେଇବା ନଚେତ୍ ୨ଲକ୍ଷରୁ ଅଧିକ କିଲୋମିଟର ଯିବା ଆସିବା ପରେ ଯାଇ ପୁରୁଣାଗାଡ଼ିକୁ ବଦଳାଇ ନୂଆ ଗାଡ଼ି ବ୍ୟବହାର କରାଯାଇପାରିବ। ହେଲେ ଯାଜପୁର ଜିଲାରେ ୧୫ ବର୍ଷ ନ ପୁରୁଣୁ ପୁରୁଣା ଗାଡ଼ିକୁ ହଟାଇ ନୂଆ ଗାଡ଼ିର ବ୍ୟବହାର କରାଯାଉଛି। ଫଳରେ ସେହି ଗାଡ଼ିଗୁଡ଼ିକ ଏବେ ଖତଖାଉଥିବା ଅଭିଯୋଗ ହୋଇଛି।

୨୦୦୬ରେ ତତ୍କାଳୀନ ଜିଲାପାଳ ଅରବିନ୍ଦ ପାଢ଼ୀଙ୍କ ସମୟରେ ୩ଟି ଗାଡ଼ି କିଣାଯାଇଥିଲା। ଓଆର୍‌୦୪ଏଚ୍‌୦୦୦୧, ଓଆର୍‌୦୪ଏଚ୍‌୦୦୦୨, ଓଆର୍‌୦୪ଏଚ୍‌୦୦୦୩ ଏହି ଗାଡ଼ିଗୁଡ଼ିକ ବର୍ତ୍ତମାନ ଖତଖାଉଛି। ସେହି ସମୟରେ ଦଶରଥପୁର ବିଡିଓଙ୍କ ପାଇଁ ମଧ୍ୟ ଓଆର୍‌୦୪ପି୮୦୮୬, କୋରେଇ ବିଡିଓଙ୍କ ପାଇଁ ଓଆର୍‌୦୪ପି୮୦୮୭ ଗାଡ଼ି କିଣାଯାଇଥିଲା। ତାହା ମଧ୍ୟ ବର୍ତ୍ତମାନ ବ୍ଲକ କାର୍ଯ୍ୟାଳୟରେ ପଡ଼ି ଖତ ଖାଉଛି। ଖତଖାଉଥିବା କିଛି ଗାଡ଼ିର ପାର୍ଟ୍ସମଧ୍ୟ ଚୋରି ହୋଇଗଲାଣି। ସେହିପରି ଜିଲା ପରିଷଦ କାର୍ଯ୍ୟାଳୟର ଗାଡ଼ି ନଂ. ଓଆର୍‌୦୪୦୦୨୨ ଗାଡ଼ିମଧ୍ୟ କାର୍ଯ୍ୟାଳୟରେ ପଡ଼ି ଖତ ଖାଉଛି। ଏହି ଗାଡ଼ିକୁ ନା ମରାମତି କରାଯାଉଛି ନା ବିକ୍ରି କରାଯାଉଛି। ତାହା ପଡ଼ି ପଡ଼ି ନଷ୍ଟ ହେବାରେ ଲାଗିଛି। ରସୁଲପୁର ବ୍ଲକ ବିଡିଓଙ୍କ ଗାଡ଼ି ଦୀର୍ଘ ୨୫ ବର୍ଷ ଖତ ଖାଇଲା ପରେ ବିକ୍ରି କରାଗଲା। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଗାଡ଼ି ଦୀର୍ଘ ଦିନ ପଡ଼ି ରହିବା ପରେ ୨୮ହଜାର ଟଙ୍କାରରେ ବିକ୍ରି ହୋଇଥିବା ଜଣାପଡ଼ିଛି। ଓଆର୍‌୦୪୧୦୩୩ ନମ୍ବର ଜିପ୍ ଗାଡ଼ିଟି ଧର୍ମଶାଳା ତହସିଲଦାରଙ୍କ। ଏହିସବୁ ଗାଡ଼ି ବର୍ତ୍ତମାନ ସରକାରୀ କାର୍ଯ୍ୟାଳୟରେ ପଡ଼ି ଖତ ଖାଉଛି। ସରକାରୀ ଅଫିସର ନୂଆ ଗାଡ଼ିକୁ ପାଇ ପୁରୁଣା ଗାଡ଼ିକୁ ଭୁଲିଗଲେଣି ବୋଲି ଅଭିଯୋଗ ହୋଇଛି। ଏନେଇ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ତାଙ୍କ ପାଖରେ କୌଣସି ତଥ୍ୟନାହିଁ। ସେ ଜିଲାପାଳଙ୍କୁ ଏ ବିଷୟରେ ଅବଗତ କରାଇବେ।

# ଗୁରୁଙ୍କୁ ଅଣଦେଖା ନ କରିବାକୁ ପରାମର୍ଶ


ପିଏମ୍‌ଶ୍ରୀ ଦଶରଥପୁର ହାଇସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଦଶରଥପୁର,୫।୪ (ସୁଶାନ୍ତ କୁମାର ବେହୁରିଆ):**

## ପିଏମ୍‌ଶ୍ରୀ ଦଶରଥପୁର ହାଇସ୍କୁଲର ବାର୍ଷିକ ଉତ୍ସବ

ଦଶରଥପୁର ଶିକ୍ଷା ମଣ୍ଡଳ ଅଧୀନ ପିଏମଶ୍ରୀ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୨ୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଉଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା ସଦସ୍ୟ ଓ ଗ୍ରାମବାସୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ମାତୃଭୂମି, ମାତୃଭାଷା ଏବଂ ଗୁରୁଙ୍କୁ ଅଣଦେଖା ନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା ଓ ସାହିତ୍ୟର ଗୁରୁତ୍ୱ ଉପରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ବିଜ୍ଞାନ ସଂଯୋଜକ କୁମାରସେନ ସେନାପତି, ଦଶରଥପୁର ମଣ୍ଡଳ ସହ-ଶିକ୍ଷାଧିକାରୀ ସାବିତ୍ରୀ ସେଠୀ, ପ୍ରାକ୍ତନ ପ୍ରଧାନଶିକ୍ଷକ ଶଶିକାନ୍ତ ଦାସ, ଦଶରଥପୁର ସରପଞ୍ଚ ମୀନାରାଣୀ ବେହେରା, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ଏସଏମସି ସଭାପତି ଦେବେନ୍ଦ୍ର ଦାସ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଭାପତି ନାରାୟଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ର ସୁସ୍ଥ ସମାଜ ଗଠନରେ ଭାଗିଦାରୀ ହେବାପାଇଁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିବା ସହିତ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରର କୃତିତ୍ୱ ଅର୍ଜନ କରିଥିବା ସ୍କୁଲର ପ୍ରାକ୍ତନଛାତ୍ର ଇଂଜିନିୟର ପର୍ଶୁରାମ ସାହୁ, ବୈଦ୍ୟନାଥ ଦାଶ, ପରମାନନ୍ଦ ପୃଷ୍ଟି, ପ୍ରିତିଶ ସାହୁ, ବିକାଶ କୁମାର ନନ୍ଦଙ୍କ ସମେତ ପୂର୍ବରୁ ଅନୁଷ୍ଠିତ ବିଷୟଗତ ପରୀକ୍ଷା ଓ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ଏବଂ ଉପଢ଼ୌକନ ଦେଇ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱର ବିଚିତ୍ରା ସମସ୍ତଙ୍କ ମନ ମୋହିଥିଲା। ପଞ୍ଚସଖା ସଂଗଠନର ଉପଦେଷ୍ଟା ସରୋଜ ମହାପାତ୍ର, ଆଞ୍ଜନେୟ ପ୍ରାସାଦ ରାୟ, ଚନ୍ଦ୍ରଶେଖର ସାହୁ, ଭରତ ସାହୁ, ଆଶୁତୋଷ ପାଣିଗ୍ରାହୀ, କୌଶିକ ଦାସ, ମହେଶ୍ୱର ସାହୁ, ସତ୍ୟରଞ୍ଜନ ଓଝା, ଅଶୋକ ଦାଶ, ଯଯାତୀ କଣ୍ଡ, ବିଷ୍ଣୁଚରଣ ବେହେରା, ମନିଷ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଏବଂ ପୁରାତନ ଛାତ୍ରୀଛାତ୍ର ବାର୍ଷିକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକଙ୍କୁ ସମ୍ବର୍ଦ୍ଧନା

**ଯାଜପୁର,୫।୪(ହର୍ଷବର୍ଦ୍ଧନ ବେହେରା)**

କଳିଙ୍ଗନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଯାଜପୁର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦବୀରେ ଅଳଙ୍କୃତ ହୋଇଥବାରୁ କୋରେଇ ବିଧାୟକ ଆକାଶ ଦାସନାୟକଙ୍କୁ ରବିବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ବ୍ୟାସନଗର ପୌରାଞ୍ଚଳର ରାସ୍ତା ପ୍ରଶସ୍ତୀକରଣ, ଆଲୋକ ବ୍ୟବସ୍ଥା, ସରକାରୀ ଶିକ୍ଷ୍ୟାନୁଷ୍ଠାନଗୁଡିକର ବିକାଶ ଓ ପ୍ରତି ଛକରେ ଶୌଚାଳୟ ନିର୍ମାଣ, ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ଇତ୍ୟାଦି ସଂକ୍ରାନ୍ତରେ ଧ୍ୟାନ ଦେବାକୁ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବି କରାଯାଇଥିଲା। ଏହି ଅବସରରେ ସଂଘ ସଭାପତି ଗୌରୀଶଙ୍କର ଷଡ଼ଙ୍ଗୀ, ଉପଦେଷ୍ଟା ଦୁଷ୍ମନ୍ତ କୁମାର ନାୟକ, ସାଧାରଣ ସମ୍ପାଦକ ଦାମୋଦର ପଣ୍ଡା, ସହ ସମ୍ପାଦକ ନିରଞ୍ଜନ ଘଡେଇ, ଲକ୍ଷ୍ମୀଧର ସାହୁ, ଅଶୋକ କୁମାର ପତି, ଅନାଦି ବାରିକ, ପାଗଳ ଚରଣ ବେହେରା, ମନମୋହନ ନାୟକ, ବୈରାଗୀ ଚରଣ ସାହୁ, ରାଧାଶ୍ୟାମ ସ୍ୱାଇଁ, ଶ୍ୟାମସୁନ୍ଦର ବେହେରା, ବିକ୍ରମାନନ୍ଦ ମହାରଣା, ବିଷ୍ଣୁ ଚରଣ ଓଝା, ଭାଗୀରଥି ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇଥିଲେ।


କଳିଙ୍ଗନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କମକର୍ତ୍ତା ସମ୍ବର୍ଦ୍ଧନା ଜଣାଉଛନ୍ତି।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିପିନ


@ ମାନସ


@ ପ୍ରଭାସ


@ ସୁଶିଳ


@ ଆରତୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଲୋକଙ୍କ ପାଇଁ ବିପଦ ସାଜିଛି ଷ୍ଟ୍ରିଟ୍‌ଲାଇଟ କେବୁଲ ତାର

**ବ୍ୟାସନଗର,୫।୪ (ପବିତ୍ର ରଞ୍ଜନ ମହାନ୍ତି):**



ବ୍ୟାସନଗର ପୌର ପରିଷଦ ମୁଖ୍ୟ ରାସ୍ତାରେ ଆଲୋକୀକରଣ ପାଇଁ ଲଗାଯାଇଥିବା ଷ୍ଟ୍ରିଟଲାଇଟ କେବୁଲ ତାର ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଗୋପବନ୍ଧୁ ଛକଠାରୁ ବ୍ୟାଙ୍କ ଷ୍ଟ୍ରିଟ ରାସ୍ତାରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ରାସ୍ତା ଡିଭାଇଡ଼ରରେ ଲାଗିଥିବା ଷ୍ଟ୍ରିଟ ଲାଇଟ ବିଦ୍ୟୁତ୍ କେବୁଲଗୁଡ଼ିକ ରାସ୍ତାମଧ୍ୟକୁ ଲମ୍ବିରହିଛି। ଫଳରେ ବାଇକ୍ ଆରୋହୀ ଅସାବଧାନତାବଶତଃ କେବୁଲରେ ଛନ୍ଦିହୋଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିରେ ହାଇଭୋଲ୍ଟେଜ ବିଦ୍ୟୁତ୍ ସଂଚାର ହେଉଥିବାରୁ ନିଶ୍ଚିତ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ଏହିବିପଦପୂର୍ଣ୍ଣ କେବୁଲ ପାଇଁ କେତେବେଳେ କାହାର ଜୀବନ ଯିବ ତାହା କହିହେବନାହିଁ। ହେଲେ ଏଥିପ୍ରତି ପୌର କର୍ତ୍ତୃପକ୍ଷ କିମ୍ବା ବିଭାଗୀୟ ଅଧିକାରୀଙ୍କ ନଜର ନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୌର ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

# ସୁରଭି ପକ୍ଷରୁ ୧୨୧ ୟୁନିଟ ରକ୍ତ ସଂଗୃହୀତ

**ସିଂହପୁର,୫।୪(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛୋଳଠାରେ ବିଞ୍ଝାରପୁର ସୁରଭି ଅନୁଷ୍ଠାନ ପକ୍ଷରୁ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ରେଡ୍‌କ୍ରସର ଡାକ୍ତର ଓ ସହକର୍ମୀଙ୍କ ସହାୟତାରେ ୧୨୧ ୟୁନିଟ ରକ୍ତ ସଂଗୃହୀତ କରାଯାଇଛି। ସୁରଭିର ସଭାପତି ନିର୍ମଳ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ଦିଲୀପ କୁମାର ଦାସ ଉଦ୍‌ଘାଟନ କରିଥିଲେ। ନିକଟସ୍ଥ ୩ ବ୍ଲକର ରକ୍ତଦାତା ଯୋଗଦେଇ ରକ୍ତଦାନ କରିଥିଲେ। ପ୍ରିୟବ୍ରତ ନାୟକ, ପ୍ରଦୀପ ବିଶ୍ୱାଳ, ମଣ୍ଟୁ ଜେନା, ପ୍ରଶାନ୍ତ ବେହେରା, ବଳରାମ ପୃଷ୍ଟି, ପ୍ରଧାନଶିକ୍ଷକ ଦେବେନ୍ଦ୍ର ନାୟକ, ନାରାୟଣ ଚନ୍ଦ୍ର ଦାସ, ଅକ୍ଷୟ ସାମଲ, ରତ୍ନାକର ସାହୁ, ବାଇଧର ନାୟକ, ମୁରଲୀଧର ପାତ୍ର, ଜଜୟ ବେହେରାଙ୍କ ସମେତ ସୁରଭି ପରିବାରର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।



ରକ୍ତଦାନ ଶିବିରରେ ଯୋଗ ଦେଇଥିବା ସୁରଭିର କର୍ମକର୍ତ୍ତା ଓ ଅନ୍ୟମାନେ।

# ଶଙ୍ଖଚିଲା ମା' ହିଙ୍ଗୁଳାଙ୍କ ମହାଯଜ୍ଞ ଉଦ୍‌ଯାପିତ



**ବ୍ୟାସନଗର,୫।୪(ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ଜିଲା ବ୍ୟାସନଗର ସହର ନିକଟ ଶଙ୍ଖଚିଲାଠାରେ ମା' ହିଙ୍ଗୁଳା ଦେବୀଙ୍କ ୯୬ତମ ମହାଯଜ୍ଞ ୧ ତାରିଖରୁ ଆରମ୍ଭ ହୋଇ ୫ ତାରିଖ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହାପରେ ୫୮ତମ ଚବିଶ ପ୍ରହର ନାମଯଜ୍ଞ ଉତ୍ସବ ଆରମ୍ଭ ହୋଇଛି। ମା'ଙ୍କ ଦର୍ଶନ ଲାଗି ଜିଲାର ବିଭିନ୍ନ ଅଞ୍ଚଳରୁ ହଜାରହଜାର ଭକ୍ତଙ୍କ ସମାଗମ ହୋଇଛି। ଭକ୍ତମାନେ ମା'ଙ୍କ ଯଜ୍ଞରେ ନଡ଼ିଆ, ଘିଅ, ଝୋଟ ଓ ବସ୍ତ୍ର ଆଦି ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଯଜ୍ଞପାଇଁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହେବାସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏହିଯାତ୍ରାରେ ମୀନାବଜାର, ବିଭିନ୍ନ ପ୍ରକାର ଦୋଳି, ଖାଦ୍ୟ ଷ୍ଟଲ, ଘରକରଣା ସାମଗ୍ରୀ ଦୋକାନ ଖୋଲିଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କମିଟି ପକ୍ଷରୁ ସିସିଟିଭି ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଭଜନ ସନ୍ଧ୍ୟା, ପ୍ରବଚନ, ବାଦୀପାଲା ଓ ନୃତ୍ୟଗୀତ ସହ ଅପେରା ପରିବେଷଣ କରାଯାଉଛି।

# ଜାଲ୍ କାଗଜପତ୍ରରେ ଟେଣ୍ଡର ହାସଲ ଅଭିଯୋଗ

**ଯାଜପୁର/ଯାଜପୁର ଟାଉନ, ୫।୪ (ହର୍ଷବର୍ଦ୍ଧନ ବେହେରା/ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

## ତଦନ୍ତ ଦାବି କଲା ଓଡ଼ିଶା ଠିକା କର୍ମଚାରୀ ସଂଘ

ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗରେ ନିର୍ମଳ ଯୋଜନାରେ ମିଥ୍ୟା କାଗଜପତ୍ର ଦାଖଲ କରି ଟେଣ୍ଡର ହାତେଇଥିବା ଅଭିଯୋଗ ହୋଇଛି। ଏହିମର୍ମରେ ଓଡ଼ିଶା ଠିକା କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି, ଯେଉଁଥିରେ ଟେଣ୍ଡର ହାସଲ କରିଥିବା ସଂସ୍ଥା ଜାଲ୍ କାଗଜପତ୍ର ଦାଖଲ କରିଥିବା ଦର୍ଶାଯାଇଛି। ଏହାର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଯିବା ପାଇଁ ଉକ୍ତ ସଂସ୍ଥା ପକ୍ଷରୁ ଦାବି କରାଯାଇଛି।

ଅଭିଯୋଗ ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ଓ ୬୨ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)ର ସଫେଇ କାର୍ଯ୍ୟ ପାଇଁ ୧୯।୨।୨୦୨୬ରେ ଟେଣ୍ଡର ଆହ୍ୱାନ ହୋଇଥିଲା। ଟେଣ୍ଡର ଯାଞ୍ଚ ପରେ ୧୦ଜଣ ବିଡର ଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣଙ୍କ କାଗଜପତ୍ର ଠିକ୍ ନ ଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଥିଲା। ପରେ ୮ଜଣଙ୍କ ପାଇଁ ଟେକ୍ନିକାଲ ବିଡ୍ ଖୋଲାଯାଇଥିଲା। ଟେଣ୍ଡର ପକାଇବା ପାଇଁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ଅବଧି ରହିଥିବା ବେଳେ ମାର୍ଚ୍ଚ ୯ରେ ଟେକ୍ନିକାଲ ବିଡ୍ ଖୋଲାଯାଇଥିଲା। ମାତ୍ର ଗୋଟିଏ ସଂସ୍ଥାକୁ ଅନୁକମ୍ପା ଦେଖାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ବିଭିନ୍ନ ଗାଇଡଲାଇନକୁ ପରିବର୍ତ୍ତନ କରାଯାଇଥିଲା। କୌଣସି ଟେଣ୍ଡରଧାରୀ ୫ରୁ ଅଧିକ ଜିଲାରେ ନିର୍ମଳ ଯୋଜନାରେ କାର୍ଯ୍ୟ କରୁଥିଲେ, ତାଙ୍କୁ ଏଥିରୁ ବଞ୍ଚିତ କରାଯିବ ବୋଲି ଏକ ସ୍ୱତନ୍ତ୍ର ନିୟମ ହେଲା। ଯେଉଁଥିରେ ଏହି ଗାଇଡଲାଇନ ଅନୁସାରେ କେତେକ ଟେଣ୍ଡରଧାରୀ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ଏହାକୁ ପରିବର୍ତ୍ତନ କରିବା ପାଇଁ ଟେଣ୍ଡର କମିଟିର ଆଇନତଃ କ୍ଷମତା ନ ଥିବା ବେଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜଣାଯାଇ ନ ଥିଲା ବୋଲି ଅଭିଯୋଗ ହୋଇଛି। ସେହିପରି ଏହି ଟେଣ୍ଡରରେ କାର୍ଯ୍ୟ କରିବା ପାଇଁ ଅନୁମତି ପାଇଥିବା ସଂସ୍ଥାର ବାର୍ଷିକ ଟର୍ନଓଭର, ଅଭିଜ୍ଞତା ପ୍ରମାଣପତ୍ର ଆଦି କାଗଜପତ୍ରକୁ ଜାଲିଆତି କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଏହି ଟେଣ୍ଡରରେ ଭାଗ ନେବା ପାଇଁ ଅତି କମ୍‌ରେ ସଂସ୍ଥାକୁ ୧୦ ବର୍ଷ ଅଭିଜ୍ଞତା ଆବଶ୍ୟକତା ଥିବା ବେଳେ ତାହା ୨୦୧୭ରେ ପଞ୍ଜୀକୃତ ହୋଇଥିବା ଜଣାଯାଇଛି। ସେହିପରି ଉକ୍ତ ସଂସ୍ଥା କଳିଙ୍ଗନଗରର ଏକ କମ୍ପାନୀରେ ୨୫ଜଣ କର୍ମଚାରୀଙ୍କୁ ନିୟୋଜିତ କରିଥିବାବେଳେ ତାକୁ ଜାଲିଆତି କରି ୧୪୩ ଜଣଙ୍କୁ ନିୟୋଜିତ କରାଯାଇଥିବା ଦର୍ଶାଇ ପ୍ରମାଣପତ୍ର ଦାଖଲ କରିଥିବା ଅଭିଯୋଗ ହୋଇଛି। ଏଭଳି ଅନେକ ଅନିୟମିତତା ସଂକ୍ରାନ୍ତରେ ସଂଘ ପକ୍ଷରୁ ତଦନ୍ତ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଟେଣ୍ଡର ପ୍ରକ୍ରିୟାର ଯାଞ୍ଚ୍ କରିବା ପାଇଁ ଜିଲାସ୍ତରୀୟ ଏକ କମିଟି ରହିଛି। ଉକ୍ତ କମିଟି ଦ୍ୱାରା ସମସ୍ତ କାଗଜପତ୍ର ଯାଞ୍ଚ୍ କରାଯାଇ ଟେଣ୍ଡର ଦିଆଯାଇଛି।

### ବଡ଼ପଲ୍ଲୀ ଉଚ୍ଚବିଦ୍ୟାଳୟରେ ୧୯୯୮ ବ୍ୟାଚର ବନ୍ଧୁମିଳନ

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ବ୍ଲକ ବଡ଼ପଲ୍ଲୀ ଉଚ୍ଚବିଦ୍ୟାଳୟରେ ଅଧାପକ ଶଶଧର ରାଉତଙ୍କ ସଂଯୋଜନାରେ ୧୯୯୮ ବ୍ୟାଚର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁପୂଜନ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୁରୁଜୀ ମହେଶ୍ୱର ବଳ, ଡ. ଶୁକଦେବ ସ୍ୱାଇଁ, ସର୍ବେଶ୍ୱର ମହାନ୍ତି ଓ ପ୍ରଧାନ ଶିକ୍ଷକ ଅଭୟ କୁମାର ରାଉତ ପ୍ରମୁଖ ଗୁରୁଜୀମାନଙ୍କୁ ଏହି ବ୍ୟାଚର ଛାତ୍ରୀଛାତ୍ରଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଆୟୋଜକ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିରେ ପୁରାତନ ଛାତ୍ର ସହଯୋଗ କରିଥିଲେ।

# ଭାରତକୁ ମାତା ଭାବେ ମାନୁଥିବା ବ୍ୟକ୍ତି ହିଁ ହିନ୍ଦୁ

## ଆର୍‌ଏସ୍‌ଏସ୍‌ର ପ୍ରମୁଖ ଜନ ସଂଗୋଷ୍ଠୀ

କେନ୍ଦ୍ରାପଡ଼ା,୫।୪ (ଜଗନ୍ନାଥ ଧଳ)

ହିନ୍ଦୁ ଶବ୍ଦ ସମ୍ପ୍ରଦାୟ ମଧ୍ୟରେ ସୀମିତ ନୁହେଁ। ଭାରତକୁ ମାତା ଭାବେ ମାନୁଥିବା ବ୍ୟକ୍ତି ହିଁ ହିନ୍ଦୁ। ଭାରତର ଯଶ କୀର୍ତ୍ତିକୁ ନିଜର ବୋଲି ଅନୁଭବ କରୁଥିବା ବ୍ୟକ୍ତି ହିଁ ହିନ୍ଦୁ। ଏଠାରେ ଜାତିଭେଦକୁ ନେଇ ବିବାଦ ନାହିଁ। ବ୍ୟକ୍ତିରୁ ବିଶ୍ୱକୁ ଏକ ବୋଲି ଅଭିହିତ କରୁଥିବା ଉଦାରମନା ବ୍ୟକ୍ତି ହିଁ ହିନ୍ଦୁ। ହିନ୍ଦୁତ୍ୱର ଅଧିଷ୍ଠାନ ଆଧାରରେ ସମ୍ପୂର୍ଣ୍ଣ ହିନ୍ଦୁ ସମାଜକୁ ସଙ୍ଗଠିତ କରି ଭାରତକୁ ଏକ ସମର୍ଥ ଓ ପରମ ବୈଭବଶାଳୀ ରାଷ୍ଟ୍ର ଭାବରେ ଛିଡ଼ା କରିବା ହେଉଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍‌)ର ଉଦ୍ଦେଶ୍ୟ ବୋଲି ପ୍ରମୁଖ ଜନ ସଂଗୋଷ୍ଠୀରେ ମୁଖ୍ୟ ଅତିଥି ସାମାଜିକ ସଦ୍ଭାବନାର ଅଖିଳ ଭାରତୀୟ ସଂଯୋଜକ ଡ. ଗୋପାଳ ଚନ୍ଦ୍ର ମହାପାତ୍ର ରବିବାର ମତ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ସହର ଗରାପୁରସ୍ଥ ସ୍ୱୟଂସିଦ୍ଧା ମଣ୍ଡପଠାରେ ଜିଲାର ବୁଦ୍ଧିଜୀବୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଡ. ମହାପାତ୍ର କହିଥିଲେ, ୨୦୨୫ ମସିହାରେ ସଂଘର ୧୦୦ତମ ବର୍ଷ ପୂରଣ ହୋଇଛି। ଏହି ସମୟ ଅବଧିରେ ଗୁଣବାନ ଓ ସମର୍ପିତ ସ୍ୱୟଂସେବକମାନେ ଏକ ସୁଦୃଢ଼ ରାଷ୍ଟ୍ର ଗଠନ ପାଇଁ ଉପହାସ ଓ ବିରୋଧକୁ ଅତିକ୍ରମ କରି ସାମ୍ପ୍ରତିକ ସ୍ଥିତିରେ ପହଞ୍ଚିଛନ୍ତି। ସାରା ଦେଶରେ ୮୩,୬୯୬ଟି ସ୍ଥାନରେ ୧,୦୫,୯୮୫ଟି ଶାଖା ଦୈନନ୍ଦିନ ଓ ସାପ୍ତାହିକ ଭାବେ ଚାଲୁଛି। ଏକ ସୁସ୍ଥ ସମାଜ ଗଠନ ପାଇଁ ଏହି ଶତାବ୍ଦୀ ବର୍ଷରେ ସ୍ୱୟଂସେବକମାନଙ୍କ ୫ ପରିବର୍ତ୍ତନକୁ ଗୁରୁତ୍ୱ ଦିଆଯାଇଛି। ସେଗୁଡିକ ହେଉଛି ସାମାଜିକ ସମରସତା, ପରିବେଶ ସଂରକ୍ଷଣ, କୁଟୁମ୍ବ ପ୍ରବୋଧନ, ସ୍ୱ ଆଧାରିତ ଜୀବନ ଓ ନାଗରିକ କର୍ତ୍ତବ୍ୟବୋଧ। ସଂଘ ପ୍ରତିଷ୍ଠାତା ଡା. କେଶବ ବଳିରାମ ହେଡଗେୱାର ସର୍ବଦା ସମ୍ପୂର୍ଣ୍ଣ ହିନ୍ଦୁ ସମାଜକୁ ଏକାଠି କରି ରାଷ୍ଟ୍ର ପ୍ରତି ଭକ୍ତି କରିବା ପାଇଁ ଆହ୍ୱାନ ଦେଇ ଆସିଥିଲେ। ଏହି ଆହ୍ୱାନକୁ କାର୍ଯ୍ୟକାରୀ ପାଇଁ ସ୍ୱୟଂ ସେବକମାନେ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜ ସହିତ ସମ୍ପର୍କ ସ୍ଥାପନ କରୁଛନ୍ତି। ବିଜୟାଦଶମୀ, ଗୃହ ସମ୍ପର୍କ, ହିନ୍ଦୁ ସମ୍ମିଳନୀ, ପ୍ରମୁଖ ଜନ ସଂଗୋଷ୍ଠୀ, ସାମାଜିକ ସଦ୍ଭାବ ସହ ଯୁବବର୍ଗଙ୍କ ବୈଠକ ଆଦି ଅନୁଷ୍ଠିତ ହେଉଛି। ତେବେ କେତେଜଣ ବ୍ୟକ୍ତି, ସଙ୍ଗଠନ ପ୍ରମୁଖ ରାଷ୍ଟ୍ରର କ୍ଷତି ପହଞ୍ଚାଇବା ପାଇଁ ଆମ ଦେଶବାସୀଙ୍କ ମନରେ ବିଭେଦ ସୃଷ୍ଟି କରୁଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ଜାଣିବା ପାଇଁ ଜଣେ ରାଷ୍ଟ୍ର ପ୍ରତି ସମର୍ପିତ ହେବା ଜରୁରୀ ବୋଲି ମୁଖ୍ୟଅତିଥି ଡ. ମହାପାତ୍ର ଏଠାରେ ମତ ରଖିଛନ୍ତି। ଜିଲା ସଂଘ ଚାଳକ ବିରଞ୍ଚି ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ସଂଗୋଷ୍ଠୀରେ ଆଇନଜୀବୀ ସଞ୍ଜୟ କୁମାର ପତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସଂଘର ସରୋଜ ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ କର୍ମକର୍ତ୍ତା ଏହାକୁ ପରିଚାଳନା କରିଥିଲେ।



ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କୃଷକ ସାଥୀ ସଂଘ ବୈଠକ

ମାର୍ଶାଘାଇ,୫।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ ) :କେନ୍ଦ୍ରାପଡ଼ା ଜିଲା କୃଷକ ସାଥୀ ସଂଘ ବୈଠକ ମାର୍ଶାଘାଇଠାରେ ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ କୃଷକ ସାଥୀ ସଂଘ ସଭାପତି ଗୁରୁଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ଭଗବାନ ଦାସ, ଉପସଭାପତି ବିନୋଦ ଦାସ ଓ କୋଷାଧ୍ୟକ୍ଷ ପ୍ରଦୀପ ମହାନ୍ତି ଏବଂ ସୁଶାନ୍ତ କୁମାର ଜେନା ଯୋଗଦେଇ ସରକାରଙ୍କ କୃଷିଭିତ୍ତିକ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ କିପରି ଚାଷୀମାନଙ୍କ ପାଖରେ ପହଞ୍ଚାଉଛନ୍ତି ଆଲୋଚନା କରାଯାଇଥିଲା। ଦୀର୍ଘବର୍ଷ ଦାବି କରିବା ପରେ ସରକାର କୃଷକମାନଙ୍କ ପାରିଶ୍ରମିକ ପେନ୍‌ସନ ରାଶି ବୃଦ୍ଧି କରୁନାହାନ୍ତି। ବୈଠକରେ ମାର୍ଶାଘାଇ ବ୍ଲକର ସମସ୍ତ କୃଷକ ସାଥୀ ଉପସ୍ଥିତ ରହିଥିଲେ। ପ୍ରମୁଖ କୃଷକ ସାଥୀ ଉପସ୍ଥିତ ଥିଲେ।

## ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜନଗର,୫।୪( ଭାସ୍କର ରାଉତରାୟ) - ରାଜନଗର ବଣିକ ସଂଘ ପକ୍ଷରୁ ରାମନବମୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ରୂପେ ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଦୁର୍ଗା ମଣ୍ଡପରେ ବହୁ ଲୋକ ଏହାକୁ ଉପଭୋଗ କରିଥିଲେ। ସେହିପରି ବିଶ୍ୱଶାନ୍ତି ମହାଯଜ୍ଞ, ନଗଡ଼ଠାରେ ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। ଏହାକୁ ବହୁଲୋକ ଉପଭୋଗ କରିଥିଲେ। ହଂସୁଆ କଳା ପ୍ରତିଷ୍ଠାନ, ରାଜନଗର ପକ୍ଷରୁ ସଲୋନୀ ଘଡ଼ାଇ, ଅର୍ପିତା ପ୍ରଧାନ, ଦିଶା ବିଶ୍ୱାସ, ରଶ୍ମିତା ଧଳ, ଲୋପାମୁଦ୍ରା ଧଳ, ସ୍ୱୀକୃତି ପରିଡ଼ା ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଏତଦ୍ ବ୍ୟତୀତ ଦେବରତୀ ରାଉତ, ପ୍ରତୀକ୍ଷା ବଳ, ପୂଜାରାଣୀ ରାଉତ, ଲିପି ପଣ୍ଡା ଓ ବିଶ୍ୱଜିତ କୁଣ୍ଡ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରଫୁଲ୍ଲ କୁମାର ଦାସ ଓ ପ୍ରତିଷ୍ଠାତା ଶତ୍ରୁଘ୍ନ ତରାଇ ସହଯୋଗ କରିଥିଲେ।

# ଯୁବପିଢ଼ି ପ୍ରତିଭାବାନ୍ ହେବାକୁ ଚରିତ୍ର ସୁଧାରନ୍ତୁ

## ପାଟକୁରା ପୂଜ୍ୟପୂଜା ସଂସଦର ସପ୍ତମ ବାର୍ଷିକୋତ୍ସବ, ପ୍ରତିଭା ସମ୍ମାନ

ପାଟକୁରା, ୫।୪(ରବୀନ୍ଦ୍ର ନାଥ ବାରିକ )

ଆଧୁନିକତାର ଦ୍ୱାହି ଦେଇ ଅନେକ ଲୁକ୍କାୟିତ ପ୍ରତିଭା ଜନମାନସରୁ ଲିଭିଯିବାକୁ ବସିଛି। ହେଲେ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଘାତପ୍ରତିଘାତ ମଧ୍ୟରେ ଆଗକୁ ଆସି ପ୍ରତିଭା ସନ୍ଧାନ କରି ସମ୍ମାନିତ କରିବା ସମାଜ ପାଇଁ ନିହାତି ଏକ ଗୌରବର ବିଷୟ ବୋଲି ସମ୍ମାନିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପାଟକୁରା ପୂଜ୍ୟପୂଜା ସଂସଦର ରବିବାର ୭ମ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗରଦପୁର ବ୍ଲକ ପାଟକୁରା ପୂଜ୍ୟପୂଜା ସଂସଦର ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ କଳାବୁଦା ବାରୁଣୀ ପଡ଼ିଆରେ ଆୟୋଜିତ ହୋଇଯାଇଛି। ସଂସଦ ସଭାପତି ଡା. ତ୍ରୈଲୋଚନ ଛାଟୋଇଙ୍କ ସଭାପତିତ୍ୱରେ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜା ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ, ଗାଳ୍ପିକ, ସଂଳାପ ଲେଖକ ପ୍ରଣବ ପ୍ରକାଶ ଦାସ ମୁଖ୍ୟ ଅତିଥି ଓ ଦୂରଦର୍ଶନ, ବେତାର ଓ ମଞ୍ଚକଳା ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ପତ୍ରିକା 'ମାଟିର ମହକ' ଉନ୍ମୋଚିତ ହୋଇଥିଲା। ବରିଷ୍ଠ ଖବରଦାତା ମିହିର ଆଚାର୍ଯ୍ୟ, କବି ମେଜର ଭରତ ଜେନା, ମୃତ୍ତିକା ଶିଳ୍ପୀ ଶୁକଦେବ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ତ୍ରୈଲୋକ୍ୟ ବେହେରା ଓ ଶିକ୍ଷକ ଶଙ୍କର ଚରଣ ସ୍ୱାଇଁଙ୍କୁ ନିଜ ନିଜର ପ୍ରତିଭା ପାଇଁ ଚଳିତବର୍ଷ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ପଣ୍ଡିତ ପ୍ରଫୁଲ୍ଲ ପଣ୍ଡା ସମ୍ପାଦକୀୟ ପାଠ କରିଥିବା ବେଳେ ସଂସଦ ସଭ୍ୟ ତଥା ପୂର୍ବତନ ଶିକ୍ଷକ ମାଧବାନନ୍ଦ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂସଦର ସଭ୍ୟ କାନୁନ୍‌ଗୋ ଶଶିଭୂଷଣ ମହାନ୍ତି, କାଳନ୍ଦୀ ମହାରଣା, ରାଜକିଶୋର ବାରିକ, ଉପସଭାପତି ରଞ୍ଜନ କୁମାର ଦାସଙ୍କ ସମେତ ସଂସଦର ଅନ୍ୟ କର୍ମକର୍ତ୍ତା, ସଭ୍ୟାସଭ୍ୟ ପରିଚାଳନା କରିଥିବାବେଳେ ସଂସଦର ବରିଷ୍ଠ ସଭ୍ୟ ନବଘନ ମହାରଣା ଧନ୍ୟବାଦ ଦେଇଥିଲେ।


ସଂସଦର ପତ୍ରିକା ମାଟିର ମହକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ପଦ୍ମପୁର ମା' ଶାରଳା ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ପାଟକୁରା,୫।୪ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ପଦ୍ମପୁର ମା' ଶାରଳା ପୀଠ କ୍ରିୟାଯୋଗ ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଶୁକ୍ରବାର ଅପରାହ୍ନରେ ୧୦୮ ଶ୍ରଦ୍ଧାଳୁ ନାମ ସଂକୀର୍ତ୍ତନ ସହ ଚିତ୍ରୋତ୍ପଳା ନଦୀରୁ କଳସରେ ପାଣି ଆଣି ପ୍ରାୟ ୨ କି.ମି. ଦୂର ପଦ୍ମପୁର ଶାରଳା ଯଜ୍ଞପୀଠ ନିକଟକୁ ଆସିଥିଲେ। ଶନିବାର ମଣ୍ଡପାଦୀ ପ୍ରତିଷ୍ଠା ପରେ ସର୍ବଦେବଦେବୀ ପୂଜା, ରୁଦ୍ରାଭିଷେକ, ଅଗ୍ନି ସ୍ଥାପନ, ଅଷ୍ଟମ ପ୍ରହର ଶୁଭାଧିବାସ, ନବଗ୍ରହ ପୂଜା, ବାସ୍ତୁପୂଜା, ଦଶଦିଗପାଳ ପୂଜା, କ୍ଷେତ୍ରପାଳ ପୂଜା, ଅଷ୍ଟଭୈରବୀ ପୂଜା, ବାର୍ଦ୍ଧନୀ ଘଟ ଲକ୍ଷ୍ମୀ ନାରାୟଣ ପୂଜା କାର୍ଯ୍ୟ ହୋଇଛି। ରବିବାର ଗୁରୁଗୋବିନ୍ଦ ପୂଜା, ସୂର୍ଯ୍ୟପୂଜା, ଯଜ୍ଞ ମଣ୍ଡପରେ ସର୍ବଦେବଦେବୀ ପୂଜା, ଚଣ୍ଡୀପାଠ ଆବୃତ୍ତି ପରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ସୋମବାର ଗୁରୁଗୋବିନ୍ଦ ପୂଜା, ସୂର୍ଯ୍ୟପୂଜା, ସଂକଳ୍ପ, ଗୀତା ପାଠ, ମନ୍ଦିର ପ୍ରତିଷ୍ଠା, ଯଜ୍ଞ ମଣ୍ଡପରେ ସର୍ବଦେବଦେବୀ ପୂଜା ପରେ ନଗରକୀର୍ତ୍ତନ ଅନୁଷ୍ଠିତ ହେବ। ମଙ୍ଗଳବାର ଗୁରୁ ପୂଜା, ସୂର୍ଯ୍ୟପୂଜା, ଯଜ୍ଞ ମଣ୍ଡପରେ ସର୍ବଦେବଦେବୀ ପୂଜା, ଚଣ୍ଡୀପାଠ ପରେ ରାତ୍ର ୧୦ଟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । କ୍ରିୟାଯୋଗ ଆଶ୍ରମ ପ୍ରଧାନ ଆଚାର୍ଯ୍ୟ ସ୍ୱାମୀ ଦେବାନନ୍ଦ ଦାଶ ମହାରାଜ (ନୃସିଂହ ବାବା) ବାବାଜୀ ନରୋତ୍ତମ ଦାଶ, ବାବାଜୀ ସନ୍ତୋଷ ଦାଶ ଓ ପଦ୍ମପୁର ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ କାର୍ଯ୍ୟକ୍ରମ ହେଉଛି ।

# ଛାତ୍ର ଜୀବନରେ ସଂସ୍କାର, ଶୃଙ୍ଖଳା ଜରୁରୀ

ମାର୍ଶାଘାଇ,୫।୪(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଛାତ୍ରୀଛାତ୍ରମାନେ ଖାଲି ପାଠ ପଢ଼ିଦେଲେ ହେବନି। ଛାତ୍ର ଜୀବନରେ ସଂସ୍କାର ଓ ଶୃଙ୍ଖଳା ନିତାନ୍ତ ଆବଶ୍ୟକ। ଫଳରେ ସେମାନେ ସମାଜରେ ପ୍ରତିଷ୍ଠିତ ହୋଇପାରିବେ। ସଂସ୍କାର, ଶୃଙ୍ଖଳା ବିନା ପାଠର ମୂଲ୍ୟ କିଛି ନାହିଁ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଆ ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାର୍ଶାଘାଇ ମଣ୍ଡଳସ୍ତରୀୟ ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଶନିବାର ଶାସନିପଡ଼ା ଉ.ପ୍ରା. ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଚେତନତା ରଥକୁ ପୂଜା କରାଯାଇ ପରିକ୍ରମା କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ମାର୍ଶାଘାଇ ଏବିଇଓ ସୁଶାନ୍ତ କୁମାର ବେଉରାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ଜାନକୀ ପ୍ରଧାନ ମୁଖ୍ୟଅତିଥି, ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ଏବିଡିଓ ଇତିଶ୍ରୀ ପଣ୍ଡା, ତାଳସଙ୍ଗା ସରପଞ୍ଚ ଅଶାନ୍ତି ସ୍ୱାଇଁ, ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଲେଙ୍କା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପୂର୍ବତନ ସିଆରସିସି ନିରଞ୍ଜନ ରାଉତ ମଞ୍ଚ ପରିଚାଳନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନୋଡାଲ ସିଆରସିସି କୈଳାସ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ହରପ୍ରିୟା ବେହେରା, ଶିକ୍ଷକ ବିପିନ ଗେରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ତାଳସଙ୍ଗା ଉ.ପ୍ରା. ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରସନ୍ନା ପ୍ରିୟଦର୍ଶିନୀ ସାହୁ, ଉଦୟବାଟ ଭଗବାନପୁର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ନାୟକ, ସହକାରୀ ଶିକ୍ଷକ ମୃତ୍ୟୁଞ୍ଜୟ ନାୟକ, ଗରଜଙ୍ଗା ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ କୁମାରୀ ଦଳାଇ, ହଳଦିଆ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସୁଦାମ ଚରଣ ନାଥ, କୁଆଁରପାଳ କଳ୍ପତରୁ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଷଡ଼ଙ୍ଗୀ, ବେରୁହାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁଲତା ସେନାପତି ପ୍ରମୁଖ ନିଜ ବିଦ୍ୟାଳୟର ଶିଶୁବାଟିକା ଏବଂ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା କୁନି ପିଲାମାନଙ୍କୁ ଉତ୍ସବରେ ଖଡ଼ିଛୁଆଁ କରାଇବାରେ ସହଯୋଗ କରିଥିଲେ।

# ଚୂନା ଫୁଲ ତାରା ଫୁଲ କବିତା ପୁସ୍ତକର ଲୋକାର୍ପଣ



ଅତିଥିମାନେ ପୁସ୍ତକ ଲୋକାର୍ପିତ କରୁଛନ୍ତି।

କେନ୍ଦ୍ରାପଡା, ୫।୪ (ଜଗନ୍ନାଥ ଧଳ)

କଥାକାର ଡ. ବିରଜା ରାଉତରାୟଙ୍କ କବିତା ପୁସ୍ତକ ଚୁନା ଫୁଲ ତାରା ଫୁଲ କବିତା ପୁସ୍ତକ ରବିବାର ଲୋକାର୍ପିତ ହୋଇଛି। କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ଅମର ଉଦ୍ୟାନରେ ଏଥିପାଇଁ ଅନୁଷ୍ଠିତ ସଭାରେ ଗାଳ୍ପିକା ଅର୍ଣ୍ଣପୂର୍ଣ୍ଣା ମହାନ୍ତି, କବି ମନ୍ମଥ କୁମାର ବରାଳ, ଶିକ୍ଷାବିତ୍ ଡ. ବିନାୟକ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପୁସ୍ତକକୁ ଲୋକାର୍ପଣ କରିଛନ୍ତି। ଏହି ପୁସ୍ତକ ପାଠକଙ୍କ ମନକୁ ଛୁଇଁବ ବୋଲି ଅତିଥିମାନେ କହିଛନ୍ତି। ସେମାନେ କହିଛନ୍ତି, କବିତାର ମୂଲ୍ୟବୋଧ ଶବ୍ଦ ସଂଯୋଜନା ମଧ୍ୟରେ ସୀମିତ ନୁହେଁ। ମାର୍ମିକ ସ୍ପର୍ଶ ଦେଉଥିବା ଆବଶ୍ୟକ। ଡ. ରାଉତରାୟଙ୍କ କବିତାଗୁଡିକରେ ଏସବୁ ଭରପୁର ଅଛି। ଏହି ଅବସରରେ ତାଙ୍କର କବିତାକୁ ବହୁ କବି ଆବୃତ୍ତି ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପୁସ୍ତକର ୩୫ଟି କବିତା ସ୍ଥାନିତ ହୋଇଛି। ଏହି ସଭାକୁ ପୁର୍ନବାସର ସହ ସମ୍ପାଦକ ବଂଶୀଧର ମହାନ୍ତି ଓ ଶିକ୍ଷାବିତ୍ ଡ. ଯତିନ୍ଦ୍ର ରାଉତ ପରିଚାଳନା କରିଥିଲେ।

# ଗରଦପୁରରେ କାକଟପୁର ମା' ମଙ୍ଗଳାଙ୍କ ନୃତ୍ୟଘଣ୍ଟ

ପାଟକୁରା,୫।୪(ରବୀନ୍ଦ୍ର ନାଥ ବାରିକ)

କାକଟପୁର ମା' ମଙ୍ଗଳାଙ୍କ ନୃତ୍ୟଘଣ୍ଟ ଶନିବାର ଗାଁ ଗହଳିରେ ଦେଖିବାକୁ ମିଳୁଛି। କାଠଡିଆରି ରୁଖା ଉପରେ ଥିବା ପଞ୍ଚମୁଖୀ କଳସ ଉପରେ ମା' ମଙ୍ଗଳା ଆସୀନ ହୋଇ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି। କାକଟପୁର ମା' ମଙ୍ଗଳାଙ୍କ ମନ୍ଦିରରୁ ଆସିଥିବା ରାହୁଳ ସୁକାନ୍ତ ଦାଶ ବିଭିନ୍ନ ରଙ୍ଗିନ୍ ପାଟଲୁଗା ପିନ୍ଧି ଗରଦପୁର ବ୍ଲକ ବେଡାରୀ ଗ୍ରାମରେ ମା' ମଙ୍ଗଳାଙ୍କ ନୃତ୍ୟଘଣ୍ଟ କରି ଶ୍ରଦ୍ଧାଳୁମାନଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ମଙ୍ଗଳାଙ୍କ ଘଣ୍ଟ ଗାଁକୁ ଆସିବ ବୋଲି ପୂର୍ବାହ୍ନରେ ଘଣ୍ଟ ବଜାଇ ଦୁଇଜଣ ବ୍ୟକ୍ତି ଜଣାଇ ଥିଲେ। ତଦନୁଯାୟୀ ଗ୍ରାମର ସମସ୍ତେ ମା' ମଙ୍ଗଳାଙ୍କ ପାଇଁ ଭୋଗ ପ୍ରସ୍ତୁତ କରି ଦୀପ, ଧୂପ, ନିଜର ଚଉରା ପାଖରେ ସଜାଇ ରଖିଥିଲେ। ମହିଳାମାନେ ମଙ୍ଗଳାଙ୍କୁ ମୁଣ୍ଡରେ ଥୋଇ ନୃତ୍ୟ କରୁଥିବା ରାହୁଳଙ୍କ ପାଦକୁ ହଳଦୀ ପାଣିରେ ଧୋଇ ଦେଇଥିଲେ। ସମସ୍ତଙ୍କ ମୁଣ୍ଡରେ ମା'ଙ୍କ ସିନ୍ଦୂର ଲଗାଇଦେଇ ହାତରେ ମଧ ପାଦୁକ ପାଣି ଦେଉଥିଲେ। ରାହୁଳ ସୁକାନ୍ତ ରୁଖା ଉପରେ ପଞ୍ଚମୁଖୀ କଳସରେ ଆସୀନ ମା' ମଙ୍ଗଳାଙ୍କୁ ମୁଣ୍ଡରେ ଥୋଇ ଘଣ୍ଟ ବାଦ୍ୟର ତାଳେ ତାଳେ ନୃତ୍ୟ କରିଥିଲେ। ମା' ମଙ୍ଗଳାଙ୍କ ନୃତ୍ୟଘଣ୍ଟ ସଂକ୍ରାନ୍ତରେ ଥିବା ଧର୍ମୀୟ ତଥ୍ୟ ଉପରେ କୁଜଙ୍ଗ ଥାନା ଚଟୁଆ ଗାଁର ରାହୁଳ ସୁକାନ୍ତଙ୍କୁ ପଚାରିବାରେ କିମ୍ବଦନ୍ତୀ ଅନୁଯାୟୀ, ବର୍ଷକ ୧୨ ମାସରୁ ୧୧ର ମାସ ମା' ମଙ୍ଗଳା ମନ୍ଦିରରେ ରହି ପୂଜା ପାଆନ୍ତି। ଶ୍ରଦ୍ଧାଳୁ ଭକ୍ତମାନେ ମନ୍ଦିର ଯାଇ ମା'ଙ୍କୁ ଦର୍ଶନ କରି ହାରିଗୁହାରି ଜଣାନ୍ତି। କିନ୍ତୁ ଗୋଟିଏ ମାସ ପାଇଁ ଦେଶକୁ ବିପଦ ଆପଦ ପଡ଼େ ବୋଲି ମା' ମଙ୍ଗଳା ଭ୍ରମଣରେ ଆସି ତାଙ୍କ ଭକ୍ତମାନେ କିଭଳି ଅଛନ୍ତି ନିଜେ ଦେଖିଯାଆନ୍ତି। ମୀନ ସଂକ୍ରାନ୍ତିରୁ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଏକମାସ ଏଥିପାଇଁ ସମୟ ନିର୍ଦ୍ଦିଷ୍ଟ କରାଯାଇଛି। ଭ୍ରମଣ ସାରି ପଣା ସଂକ୍ରାନ୍ତି ପୂର୍ବ ଦିନ ମାସନ୍ତରେ ଠାକୁର ମନ୍ଦିରରେ ପ୍ରବେଶ କରି ସେଠାରେ ଅବସ୍ଥାନ କରି ପରଦିନ ପଣା ସଂକ୍ରାନ୍ତି ଝାମୁ ଘଣ୍ଟରେ ଭାଗ ନିଅନ୍ତି । ତା'ପରେ ପ୍ରତିଷ୍ଠା ହୋଇ ମନ୍ଦିରରେ ବିରାଜମାନ କରାନ୍ତି। ସେ କହିଛନ୍ତି, ଏହା ତାଙ୍କର ୫୦ ପିଢିର ପରମ୍ପରା। ତାଙ୍କ ବାପା ରଘୁ ଦାଶ, ଜେଜେ ମଦନ ଦାଶ, ଅଣଜେଜେ ଅଭିନ୍ନ ଦାଶ ଏହି ବୃତ୍ତିରେ ମା' ମଙ୍ଗଳାଙ୍କଠାରେ ସମର୍ପିତ ଥିଲେ । ମା' ମଙ୍ଗଳାଙ୍କୁ କାନ୍ଧରେ ରଖି ଗାଁକୁ ଗାଁ ଖାଲି ପାଦରେ ବୁଲିବା କଷ୍ଟକର କାର୍ଯ୍ୟ ହୋଇଥିଲେ ସୁଦ୍ଧା ମା'ଙ୍କ କୃପା ପାଇଁ ସେସବୁ କଷ୍ଟ ଜଣାପଡ଼େ ନାହିଁ। ତାଙ୍କ ପରମ୍ପରାକୁ ସେ ଶ୍ରଦ୍ଧାର ସହ ବଞ୍ଚାଇ ରଖିଥିବାରୁ ଖୁସି ବୋଲି ମତବ୍ୟକ୍ତ କରିଛନ୍ତି। ତାଙ୍କ ସହିତ ଘଣ୍ଟୁଆ ସତ୍ୟରଞ୍ଜନ ପଣ୍ଡା ଓ ହରପ୍ରସାଦ ରାହୁଳ ମଧ ମା'ଙ୍କ ଭ୍ରମଣରେ ସହାୟତା କରୁଛନ୍ତି।


ମା' ମଙ୍ଗଳାଙ୍କୁ ମୁଣ୍ଡରେ ରଖି ଘଣ୍ଟର ତାଳେ ତାଳ ନାଚୁଛନ୍ତି ରାଉଳ ସୁକାନ୍ତ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିପିନ


@ ମାନସ


@ ପ୍ରଭାସ


@ ସୁଶୀଳ


@ ଆରତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପାଟକୁରା ଭାଜପା ମଣ୍ଡଳର ପ୍ରଶିକ୍ଷଣ ଶିବିର

ପାଟକୁରା, ୫।୪(ରବୀନ୍ଦ୍ରନାଥ ବାରିକ)

ପାଟକୁରା ଭାଜପା ମଣ୍ଡଳରେ ଚାଲିଥିବା ୨ଦିନିଆ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ରବିବାର ଉଦଯାପିତ ହୋଇଯାଇଛି। ପାଟକୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚାଲିଥିବା ପ୍ରଶିକ୍ଷଣ ଶିବିରରେ ଛାମୁଆ ଭାଜପା କର୍ମୀମାନଙ୍କୁ ଦଳୀୟ ସଙ୍ଗଠନ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରାର୍ଥୀମାନେ ସେଠାରେ ରାତ୍ରିଯାପନ କରିଥିଲେ। ଏହି ଶିବିର ଅଭିଯାନ ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ ଚାଲିଥିଲା। ଶିବିରକୁ ସଂଯୋଜକ ଅଭିରାମ ସେଠୀ, ସହସଂଯୋଜକ ପ୍ରଭାସିନୀ ପଣ୍ଡା ସମ୍ପୂଣ ସହଯୋଗ କରିଥିଲେ। ଏହି ଶିବିର ଶନିବାର ଅପରାହ୍ନରୁ ଆରମ୍ଭ ହୋଇଥିଲା। ଜିଲା ଉପସଭାପତି ବିଜୟ ନାୟକ, ପାଟକୁରା ମଣ୍ଡଳ ପ୍ରଭାରୀ ପ୍ରଭାତ ମହାନ୍ତି, ରାଜ୍ୟ ପୂର୍ବତନ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ପର୍ଯ୍ୟାୟକ୍ରମେ ୬ଟି ପଞ୍ଚାୟତରୁ ଆସିଥିବା ଭାଜପା କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷକମାନେ ସାଙ୍ଗଠନିକ ବିକାଶ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷାର୍ଥୀ ଓ ପ୍ରଶିକ୍ଷକମାନେ ଶିବିରରେ ରାତ୍ରି ଯାପନ କରିବା ସହିତ ପ୍ରଭାତରୁ ଯୋଗ ଶିକ୍ଷା କରିଥିଲେ। ନିତ୍ୟକର୍ମ ସାରି ପୁନଃ ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ କରାଯାଇ ସନ୍ଧ୍ୟାରେ ଶେଷ ହୋଇଥିଲା।

## ଅବସରକାଳୀନ ସମ୍ବର୍ଦ୍ଧନା

ଡେରାବିଶ, ୫।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସମାଜ ବିଜ୍ଞାନ ବିଭାଗ ଅଧ୍ୟାପକ ରମାକାନ୍ତ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ ଯୋଗଦେଇ ଅବସରଗ୍ରହଣ କରିଥିବା ରମାକାନ୍ତଙ୍କ କର୍ମମୟ ଜୀବନ ଓ ସମୟାନୁବର୍ତ୍ତିତା ଉପରେ ମତ ରଖିଥିଲେ। ରମାକାନ୍ତ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ପରିଚିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସଞ୍ଜୟ କୁମାର ନାୟକ, ପ୍ରଭାକର ଦାସ, ଅଧ୍ୟାପିକା ଶ୍ରୀମତୀ ଦାସ, ମୀନାକ୍ଷୀ ପ୍ରଧାନ ପ୍ରମୁଖ ଯୋଗଦେଇ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଧ୍ୟାପକ ଦାସଙ୍କୁ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁକନ୍ୟା ମହାନ୍ତି ସଂଯୋଜନା କରିଥିବା ବେଳେ ପ୍ରତାପ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# କଳାମୁଗୁନି ପଥର ପାଇଁ ଦିନକୁ ୨ଥର ବିସ୍ଫୋରଣ

■ହାଇୱାରେ ଦିନକୁ ୪୦୦ରୁ ଊର୍ଦ୍ଧ୍ୱ ଟ୍ରିପ୍ ହେଉଛି ପରିବହନ
■ମାଟିରେ ମିଶିଲାଣି ନୂଆପଡା ମୁଣ୍ଡିଆ

ନୟାଗଡ଼/ରଣପୁର,୫।୪(ଲୋକନାଥ ମିଶ୍ର /ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ତହସିଲର କେରେଣ୍ଡାଟାଙ୍ଗୀ ନିକଟସ୍ଥ ନୂଆପଡା ମୁଣ୍ଡିଆରେ ଦିନକୁ ଦୁଇ ଥର ବିସ୍ଫୋରଣ କରାଯାଇ କଳାମୁଗୁନି ପଥର ଭଙ୍ଗା ଚାଲିଥିବା ଅଭିଯୋଗ ହୋଇ ଆସୁଛି। ସେହିପରି କଳାମୁଗୁନି ପଥର ୪୦୦ରୁ ଊର୍ଦ୍ଧ୍ୱ ଟ୍ରିପ୍ ଦିନକୁ ଚୋରା ଚାଲାଣ ହେଉଥିବାର ଅନୁରୂପ ଅଭିଯୋଗ ରହିଛି। ସମ୍ପୃକ୍ତ ପଥର ଗୁଡିକ ଖୋର୍ଦ୍ଧା ଓ ଜଙ୍କିଆ ଥାନା ଅଞ୍ଚଳରେ ଥିବା କ୍ରସରକୁ ଚାଲାଣ ହେଉଥିବା କୁହାଯାଉଛି। ବେଆଇନ ବିସ୍ଫୋରଣ ଓ ପଥର ଚୋରା ଚାଲାଣକୁ ବନ୍ଦ କରିବାକୁ ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନ ଥିବାରୁ ନୂଆପଡା ମୁଣ୍ଡିଆ ମାଟିରେ ମିଶିବା ଆରମ୍ଭ ହୋଇଛି।

ସୂଚନା ଅନୁସାରେ ନୂଆପଡା ମୁଣ୍ଡିଆରେ ପ୍ରତ୍ୟହ ଭୋର ସମୟରେ ଓ ଅପରାହ୍ନରେ ବ୍ଲାଷ୍ଟିଂ ଚାଲିଛି। ଫଳରେ କେରେଣ୍ଡାଟାଙ୍ଗି ଓ ଜଙ୍କିଆ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗାଁର ଘର ଗୁଡିକରେ ଫାଟ ସୃଷ୍ଟି ହେଲାଣି। ବ୍ଲାଷ୍ଟିଂ ସମୟରେ ମୃଦୁ ଭୂମିକମ୍ପ ହେଲା ପରି ଅନୁଭବ ହେଉଛି। ଖୋର୍ଦ୍ଧା ଓ ଜଙ୍କିଆ ଅଞ୍ଚଳକୁ ପଥର ଚାଲାଣ କୋଲକତା-ଚେନ୍ନାଇ



ବିସ୍ଫୋରଣ ସ୍ଥଳ।

ଜାତୀୟ ରାଜପଥରେ ଦିନ ରାତି ହେଉଛି। ପଥର ବୋଝେଇ ହାଇୱାଗୁଡିକ ଜାତୀୟ ରାଜପଥରେ ଥାନା ସମ୍ମୁଖ ଦେଇ ଗଲାବେଳେ କିପରି ଧରା ପଡୁନି ତାହା ସନ୍ଦେହ ଘେରକୁ ଆସୁଛି।

ଏନେଇ ସ୍ଥାନୀୟ ଅଞ୍ଚଳର କିଛି ଲୋକ ନିଜର ନାଁ ଗୋପନ ରଖି କହିଛନ୍ତି, ପୋଲିସ ସୁରକ୍ଷା ଦେଇ କଳାମୁଗନି ପଥର ବୋଝେଇ ହାଇୱା ଗୁଡିକୁ ଅଧିକାଂଶ ସମୟ ନେଉଛି। କେତେକ ଅସମାଜିକ ଯୁବକ ମଧ୍ୟ କଳା ମୁଗୁନି ପଥର ପରିବହନ ସମୟରେ ନିୟୋଜିତ ହୋଇ ହାଇୱା ଗୁଡିକ ରାଜପଥରେ ନେଉଛନ୍ତି। ଗୋଟିଏ ହାଇୱାରେ ପଥର ଚାଲାଣ ହେଲେ ଟ୍ରିପ ପିଛା ପ୍ରାୟ ୩ ହଜାର ଲାଭ ଥିବାବେଳେ ଦିନକୁ ୪ ଶହରୁ ଊର୍ଦ୍ଧ୍ୱ ଟ୍ରିପ୍ କଳାମୁଗନି ପଥର ପରିବହନ ହେଉଛି। ଦିନକୁ ଲକ୍ଷାଧିକ ଟଙ୍କା ଲାଭ ହେଉଥିବାବେଳେ ଅଭିଯୋଗକାରୀଙ୍କ ମୁହଁ ଜେନତେନ ପ୍ରକାରେଣ ବନ୍ଦ କରି ଦିଆଯାଉଛି। ଅଭିଯୋଗ କଲେ ଚଢ଼ାଉ ହେଉନି, ବରଂ ଓଲଟା ଖବର ବେଆଇନ କଣି ଉତ୍ତୋଳନକାରୀଙ୍କ ପାଖରେ ଖବର ପହଞ୍ଚି ଯାଉଛି। ବେଆଇନ ବ୍ଲାଷ୍ଟିଂ ଓ ପରିବହନ ପାଇଁ ଏକ ରାକେଟ କାମ କରୁଛି। ରାକେଟକୁ ଶାସକ ଦଳ ପକ୍ଷରୁ ସହଯୋଗ ମିଳୁଥିବାରୁ ଅଭିଯୋଗ କଲେ ସୁଫଳ ମିଳୁନି ବୋଲି କହିଛନ୍ତି। ପ୍ରଶାସନକୁ ଅବଗତ କଲେ ସୁଫଳ ମିଳୁନଥିବାରୁ ଏନ୍‌ଜିଟିରେ ଫେରାଦ୍ ହେବା ପାଇଁ ପ୍ରୟାସ ଚାଲିଥିବା କହିଥିଲେ। ଘଟଣା ସମ୍ପର୍କରେ ଖଣି ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ତେବେ ଖଣି ଅଧିକାରୀ ଇଶ୍ୱର ପ୍ରଧାନ ଫୋନ ଉଠାଇ ନ ଥିଲେ।



ନୟାଗଡ଼ ପୁରୁଣା ସହର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ଜୀଉ ମନ୍ଦିରରେ ରଘୁନାଥଙ୍କ ଯୁଦ୍ଧଯାତ୍ରା ବେଶ। (ଫଟୋ- ଲୋକନାଥ ମିଶ୍ର।

# ବେଆଇନ ଖଣି ଉପରେ ଚଢ଼ାଉ

କମ୍ପ୍ରେସର, ଡ୍ରିଲିଂ ମେଶିନ ସହ ବିସ୍ଫୋରକ ଜବତ

ନୟାଗଡ଼,୫।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଚାନ୍ଦପୁର ଥାନା ପୋଲିସ ଚାନ୍ଦପୁର ଅଞ୍ଚଳର ଏକ ବେଆଇନ କଣି ପରେ ଚଢ଼ାଉ କରି କମ୍ପ୍ରେସର ସହ ଡ୍ରିଲିଂ ମେଶିନ୍, ୫ ବ୍ୟାଗ ବିସ୍ଫୋରକ ତରଳ ପଦାର୍ଥ, ୧୨ ବଣ୍ଡଲ ବାଇଣ୍ଡିଂ ତାର, ବିସ୍ଫୋରକ ସାମଗ୍ରୀ ୧୦ ବ୍ୟାଗ ୟୁରିଆ ଜବତ କରିଛି। ପୋଲିସର ଚଢ଼ାଉ ଦେଖି ଖଣି ଉତ୍ତୋଳନକାରୀ ଫେରାର ହୋଇ ଯାଇଥିଲେ।

# ଶ୍ରୀ ନୀଳମାଧବଜୀଉ ମନ୍ଦିରରୁ ଘିଅ ଚୋରି ଅଭିଯୋଗ

୨ ଗିରଫ,୩ ଟିଣ ଘିଅ ଜବତ

ଖଣ୍ଡପଡ଼ା,୫।୪(ଅଜୟ କୁମାର ମହାରଣା

କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବଜୀଉଙ୍କ ମନ୍ଦିର ପରିସରସ୍ଥିତ ଭୋଗ ଓ ଗୋଦାମ ଗୃହରୁ ଘିଅ ଟିଣ ଚୋରି ଅଭିଯୋଗରେ ପୂଜକ ସମାଜ ସଭାପତି ଲିଖିତ ଭାବେ କଣ୍ଟିଲୋ ଫାଣ୍ଡିରେ ରବିବାର ଲିଖିତ ଅଭିଯୋଗ କରିଥିଲେ। ଏତଲାକୁ ଭିତିକରି ନଂ.୯୧/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ ସ୍ଥାନୀୟ ଫକୀରଅତବୁଦ୍ଧି ପାଟଣାର ରଜତ ଦଳେଇ (୨୬) ଓ କଂସାରୀସାହି ପାଟଣାର ବିଜୟ କୁମାର ସାହୁ (୩୯)ଙ୍କୁ ଗିରଫ କରି ଘଟଣାର ଖୋଳତାଡ କରୁଥିବା ଜଣାପଡିଛି।



ଗିରଫ ଅଭିଯୁକ୍ତ, ଜବତ ଘଅ ଟିଣ।

ପୋଲିସ ଏମାନଙ୍କଠାରୁ ୩ ଦୁର୍ଗା ଘିଅ ଟିଣ ଜବତ କରିଥିବା କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କଠାରୁ ପ୍ରକାଶ।

# ଶ୍ରୀରଘୁନାଥ ଜୀଉଙ୍କ ଯୁଦ୍ଧଯାତ୍ରା ବେଶ, ରାବଣପୋଡ଼ି

ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରାର ୯ମ ସନ୍ଧ୍ୟା

ଓଡ଼ଗାଁ,୫।୪(ନାରାୟଣ ପାଣିଗ୍ରାହୀ)

ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀ ରଘୁନାଥ ଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ନବମ ସନ୍ଧ୍ୟାରେ ପ୍ରଭୁଙ୍କର ଯୁଦ୍ଧଯାତ୍ରା ବେଶ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ହନୁମାନ ଓ ଯୁବରାଜ ଅଙ୍ଗଦଙ୍କ ସ୍କନ୍ଧରେ ବସି ମାତା ସୀତାଙ୍କୁ ଉଦ୍ଧାର କରିବା ପାଇଁ ଲଙ୍କା ଅଭିଯାନରେ ବାହାରିଥିବା ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। ଅଷ୍ଟ ସେନାଧ୍ୟକ୍ଷ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ବାନର ସେନାଙ୍କୁ ସାଙ୍ଗରେ ଧରି ଯୁଦ୍ଧକ୍ଷେତ୍ରକୁ ବାହାରିଥିଲେ। ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ଅଷ୍ଟ ସେନାଧ୍ୟକ୍ଷ ଓ ବାନରସେନାଙ୍କ ସହାୟତାରେ ପ୍ରବଳ ପ୍ରତାପୀ ରାବଣକୁ ନିଧନ କରି ମାତା ସୀତାଙ୍କୁ ଉଦ୍ଧାର କରିବା ସହିତ ବିଭୀଷଣଙ୍କୁ ଲଙ୍କାର ରାଜା ଭାବରେ ଅଭିଷିକ୍ତ କରି ବନ୍ଧୁତ୍ୱର ନିଦର୍ଶନ ପ୍ରତିପାଦନ କରିଥିଲେ। ଆକାଶରେ ଦେବତା ଓ ମୁନି ଋଷିଗଣ ଆନନ୍ଦ ଅନୁଭବ କରିବା ସହିତ ଶ୍ରୀରାମଙ୍କ ଧୈର୍ଯ୍ୟର ପ୍ରଶଂସା କରିଥିଲେ।



ଶ୍ରୀରଘୁନାଥ ଜୀଉଙ୍କ ଯୁଦ୍ଧଯାତ୍ରା ବେଶ।

ଓଡ଼ଗାଁ ରାବଣପୋଡ଼ି କମିଟି ଆନୁକୂଲ୍ୟରେ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ୨୫ତମ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ୩୦ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରାଯାଇ ବହୁ ସଂଖ୍ୟାରେ ଆତସବାଜି ଫୁଟିଥିଲା। ଫଳରେ ରାବଣର ପ୍ରତିକାତ୍ମକ ମୂର୍ତ୍ତି ଖଣ୍ଡ ବିଖଣ୍ଡିତ ହୋଇ ଏଣେତେଣେ ପଡ଼ିଥିଲା। ପାପ ଉପରେ ପୁଣ୍ୟ, ଅଧର୍ମ ଉପରେ ଧର୍ମ, ଅସତ୍ୟ ଉପରେ ସତ୍ୟର ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟ ଉତ୍ସବକୁ ହଜାର ହଜାର ସଂଖ୍ୟାରେ ଦର୍ଶକ ପାଳନ କରୁଥିବା ଦେଖିବାକୁ ମିଳିଥିଲା। ତେବେ ଆମ ଭିତରେ ଥିବା ରାବଣ ପରି ନକାରାତ୍ମକ ମାନସିକତାକୁ ପରିହାର କରିପାରିଲେ ସ୍ୱପ୍ନର ରାମ ରାଜ୍ୟ ସମ୍ଭବ ହୋଇପାରନ୍ତା। କାହାରି ପାଖରେ ରାବଣ ସ୍ୱଭାବ ତିଷ୍ଠିପାରନ୍ତା ନାହିଁ। ସୋମବାର ଯାତ୍ରାର ଅନ୍ତିମ ସନ୍ଧ୍ୟାରେ ପ୍ରଭୁଙ୍କର ରାଜ୍ୟାଭିଷେକ ବେଶ ଅନୁଷ୍ଠିତ ହେବ।

# ଆହତଙ୍କ ପରିବାକୁ ରେଡକ୍ରସ୍ ପକ୍ଷରୁ ସହାୟତା ରାଶି ପ୍ରଦାନ

ନୂଆଗାଁ, ୫।୪(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା କୋରଡା ଗ୍ରାମର ଜନବସତି ସ୍ଥାନରେ ବେଆଇନ ଭାବେ ବାଣ କାରଖାନା ଚାଲିଥିବା ବେଳେ ଶୁକ୍ରବାର ବିସ୍ଫୋରଣ ଘଟି ଜଣେ ନାବାଳକଙ୍କ ସମେତ ୬ ଜଣ ଗୁରୁତର ହୋଇଥିଲେ। ଭୁବନେଶ୍ୱରସ୍ଥିତ ଏମସ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ତେବେ ପ୍ରତ୍ୟେକ ଗୁରୁତରଙ୍କ ଚିକିତ୍ସା ପାଇଁ ରେଡକ୍ରସ୍ ପକ୍ଷରୁ ରବିବାର ୧୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ନୂଆଗାଁ ଥାନା କୋରଡା ଗ୍ରାମର ଜନ ବସତି ସ୍ଥାନରେ ବେଆଇନ ବାଣ ତିଆରି ସମୟରେ ବିସ୍ଫୋରଣ ଘଟି ଜଣେ ନାବାଳକଙ୍କ ସମେତ ୬ ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ଚିକିତ୍ସା ଲାଗି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ୫ ଜଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନ ଆସିବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ସମୟରେ ମୀନାଗାଡିଆ ଗ୍ରାମର ବାପି ନାୟକଙ୍କ ମୃତ୍ୟୁ ଘଟିଥିଲା। ତେବେ ବାଣ ବିସ୍ଫୋରଣରେ ଗୁରୁତର ଆହତ ହୋଇଥିବା ପ୍ରତି ପରିବାରକୁ ରବିବାର ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅନୁଦାନ ରାଶି ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ଆହତଙ୍କ ପରିବାରକୁ ଭେଟି ପ୍ରଦାନ କରିଛନ୍ତି। ବାଣ ବିସ୍ଫୋରଣରେ ଗୁରୁତର ହୋଇ ଚିକିତ୍ସିତ ସମୟରେ ବାପି ନାୟକଙ୍କ ମୃତ୍ୟୁ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ସରକାରଙ୍କ ନିଷ୍ପତି ପରେ ପରବର୍ତ୍ତୀ ସମୟରେ ଯାହା ଅନୁଦାନ ଆସିବ ତାହା ମୃତକଙ୍କ ପରିବାକୁ ଦିଆଯିବ ବୋଲି ତହସିଲଦାର ନାୟକ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିପିନ



@ ମାନସ



@ ପ୍ରଭାସ



@ ସୁଶୀଳ



@ ଆରତୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାଇଖାନା ଟାଙ୍କି ସଫେଇ ଯନ୍ତ୍ର ଖରାପ

୨ମାସ ହେଲା ହଇରାଣ ହେଉଛନ୍ତି ନୟାଗଡ଼ ସହରବାସୀ

ନୟାଗଡ଼,୫।୪(ଲୋକନାଥ ମିଶ୍ର)

ନୟାଗଡ଼ ମ୍ୟୁନିସିପାଲିଟିରେ ଥିବା ୨ଟି ପାଇଖାନା ସଫେଇ ଯନ୍ତ୍ର (ସେସ୍‌ପୁଲ୍) ଖରାପ ହୋଇ ପଡିଛି। ଏଣୁ ନୟାଗଡ଼ ସହରରେ ପାଇଖାନା ଟାଙ୍କି ସଫେଇ କରିବାକୁ ସ୍ଥାନୀୟ ବାସିନ୍ଦା ହଇରାଣ ହେଉଛନ୍ତି। ମ୍ୟୁନିସିପାଲିଟି ପକ୍ଷରୁ ଏହାକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

# ଖଡ଼ିଛୁଆଁ ପାଇଁ ଅତିଥିଙ୍କୁ ୫ ଘଣ୍ଟା ଅପେକ୍ଷା କଲେ ଶିଶୁ

■ଶିଶୁଙ୍କୁ ଆକର୍ଷିତ କରିବା ବଦଳରେ କଲା ହତୋତ୍ସାହ
■ ଅସନ୍ତୋଷ ବ୍ୟକ୍ତ କରି ପ୍ରତିବାଦ କଲେ ଅଭିଭାବକ

ନୟାଗଡ଼,୫।୪(ଲୋକନାଥ ମିଶ୍ର)

ନୟାଗଡ଼ ସହର ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଶନିବାର ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଯାଇଛି। ଛୋଟ ପିଲାମାନଙ୍କର ଶିକ୍ଷା ଜୀବନର ପ୍ରଥମ ପଦକ୍ଷେପକୁ ଉତ୍ସବ ରୂପେ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଅସନ୍ତୋଷ ଓ ଉଦ୍‌ବେଗର କାରଣ ହୋଇଛି। ସମ୍ପୃକ୍ତ କାର୍ଯ୍ୟକ୍ରମ ଶିଶୁଙ୍କୁ ଆକର୍ଷିତ କରିବା ପାଇଁ କରାଯାଇଥିବା ବେଳେ ଏହା ଶିଶୁଙ୍କୁ ହତୋସାହିତ କଲା ବୋଲି ଅଭିଭାବକମାନେ କ୍ଷୋଭର ସହ ଅଭିଯୋଗ ବାଢ଼ିଛନ୍ତି। ଅଭିଭାବକଙ୍କ ଅଭିଯୋଗ ଅନୁସାରେ ପିଲାଙ୍କୁ ଖଡ଼ିଛୁଆଁ କରିବାକୁ ସେମାନଙ୍କ ସହ ମା'ବାପାଙ୍କୁ ପ୍ରାୟ ୫ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା। ଅତିଥି ଆସିବା ପରେ ପୁଣି ଆଉ ୧ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା। ଛୋଟ ଛୋଟ ଶିଶୁ ଠିକ୍‌ରେ କଥା କହି ପାରୁ ନ ଥିବା ସମୟରେ ପ୍ରଥମରୁ ଏପରି ହଇରାଣ କରାଯିବା ଠିକ୍ ନୁହେଁ ବୋଲି ଅଧିକାଂଶ ଅଭିଭାବିକା ଅଭିଯୋଗ କରିଛନ୍ତି। କେତେକ ଅଭିଭାବକଙ୍କ ସୂଚନା ଅନୁସାରେ ସ୍କୁଲରେ ପହଞ୍ଚି ପ୍ରାୟ ୭ଟା ଭିତରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପହଞ୍ଚିଥିଲୁ। କାର୍ଯ୍ୟକ୍ରମ ୮ଟା ୩୦ ଭିତରେ ଆରମ୍ଭ ହେବାର ଥିଲା ବୋଲି କହିଥିଲେ। ତେବେ ଅତିଥି ୧୧ଟା ୩୦ରେ ଆସିଲେ। ସଭା ୧୧.୪୫ରେ ଆରମ୍ଭ ହେଲା। ପ୍ରାୟ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ଭାଷଣ ଓ ଅନ୍ୟ କାର୍ଯ୍ୟକ୍ରମ ଚାଲିଲା। ଛୋଟ ଛୋଟ ଶିଶୁମାନେ ଗୋଟିଏ ସ୍ଥାନରେ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖରାରେ ବସି ରହିବା କେଉଁ ପ୍ରକାରର ଖୁସି ଲାଗିବ କହି ଅଭିଯୋଗ କରିଥିଲେ। ପିଲାଙ୍କୁ ଛାଡ଼ିଦେଇ ଘରକୁ ପଳାଇବେ ବୋଲି କହିଥିଲେ। ତେବେ ଅଭିଭାବକଙ୍କ ଅଭିଯୋଗକୁ ଅଣଦେଖା କରି ସଭାକାର୍ଯ୍ୟ ଚାଲିଥିଲା ବୋଲି ଅନୁରୂପ ଅଭିଯୋଗ ଉଠିଛି।





ଅତିଥିମାନେ ପିଲାଙ୍କୁ ଖଡ଼ି ଛୁଆଁଉଛନ୍ତି।

ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ମଧୁମିତା ରଥ, ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ ଯୋଗ ଦେଇଥିଲେ। ପ୍ରକାଶଥାଉ କି, ସମ୍ପୃକ୍ତ କାର୍ଯ୍ୟକ୍ରମ ଏକ ଉତ୍ସବ ନୁହେଁ, ପିଲାମାନଙ୍କର ଜୀବନର ନୂଆ ଅଧ୍ୟାୟ ବୋଲି ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବରେ ସନ୍ଦେଶ ଦିଆଯାଇଥିଲା। ଏଥିରେ ୩୨ ଜଣ ଶିଶୁଙ୍କୁ ଖଡ଼ି ଛୁଆଁଇବା ସହିତ ସେମାନଙ୍କୁ ପାଠ ପଢ଼ିବାକୁ ବ୍ୟାଗ, ଖଡ଼ି, ପେନ୍‌ସିଲ, ଖାତା ଓ ବହି ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ଅତିଥିମାନେ ୮ଟି ଶିକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରଥ ୮ଟି ବ୍ଲକରେ ସଚେତନତା ସୃଷ୍ଟି କରିବ ବୋଲି କୁହାଯାଇଛି।

# କାରକୁ ଧକ୍କାଦେଲା ଟ୍ରକ୍

■ଚା' ଦୋକାନରେ ପଶିଗଲା କାର, ୫ ତୀର୍ଥଯାତ୍ରୀ ଗୁରୁତର
■ଦୋକାନ ଭାଙ୍ଗି ନଷ୍ଟ

ରଣପୁର,୫।୪(ସୁକାନ୍ତ କିଶୋର ଡାକୁଆ)

୧୬ନଂ. ଜାତୀୟ ରାଜପଥ ଗୌରଚନ୍ଦ୍ରପୁର ନିକଟ ଚା' ଦୋକାନ ପାଖରେ ଠିଆ ହୋଇଥିବା ଏକ କାରକୁ ଦ୍ରୁତଗତିରେ ଯାଉଥିବା ଗୋଟିଏ ଟ୍ରକ୍ ଧକ୍କା ଦେବାରୁ କାରଟି ଚା' ଦୋକାନ ଭିତରକୁ ପଶିଯାଇଥିଲା। ଫଳରେ କାର ଭିତରେ ଥିବା ୫ ତୀର୍ଥଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିଜୟ ଲକ୍ଷ୍ମୀ, ଆର. ଗଙ୍ଗାପା, ରାମ ମୂର୍ତ୍ତି, ନଁଜପା ଓ ମନପା ବୋଲି ଜଣାପଡ଼ିଛି। ସମସ୍ତଙ୍କ ଘର ଆନ୍ଧ୍ରପ୍ରଦେଶର ଚିତ୍ତର ଜିଲାରେ। ସ୍ଥାନୀୟ ଲୋକମାନେ ଗୁରୁତରଙ୍କୁ ଉଦ୍ଧାର କରି ଚାନ୍ଦପୁର ବସନ୍ତ ମଞ୍ଜରୀ ମେଡିକାଲରେ ଭର୍ତ୍ତି କରିଥିଲେ। ଚାନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ରବିବାର ସକାଳେ ଆନ୍ଧ୍ରପ୍ରଦେଶରୁ ଉତ୍ତରପ୍ରଦେଶ ଅଯୋଧ୍ୟାକୁ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଦୁଇଟି କାରରେ ଯାଉଥିବା ବେଳେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ଗୌରଚନ୍ଦ୍ରପୁର ବାଇପାସ୍ ନିକଟରେ କାର ଦୁଇଟିକୁ ରାସ୍ତା କଡ଼ରେ ପାର୍କିଂ କରି ଚା' ଦୋକାନକୁ ଯାଉଥିବା ବେଳେ ଗୋଟିଏ କାର ପଛ ପଟକୁ ଏକ ଟ୍ରକ୍ (ନଂ.ଓଡି ୦୭ଏ ଭି ୯୯୦୭) ଜୋରରେ ଧକ୍କା ଦେଇଥିଲା। ଫଳରେ କାରଟି ନିକଟରେ ଥିବା ଚା' ଦୋକାନ ଭିତରେ ପଶି ଓଲଟି ପଡ଼ିଥିଲା। କାର ଭିତରେ ଥିବା ବୃଦ୍ଧାବୃଦ୍ଧ ତୀର୍ଥ ଯାତ୍ରୀମାନେ ଭିତରେ ରହିଯାଇଥିଲେ। ଏହାଦେଖି ସ୍ଥାନୀୟ ଲୋକମାନେ ସେମାନଙ୍କୁ କାର ଭିତରୁ ବାହାର କରିଥିଲେ। ଦୋକାନର ସମସ୍ତ ଖାଦ୍ୟ ସାମଗ୍ରୀ ନଷ୍ଟ ହେବା ସହିତ ଦୋକାନୀ ଅଳ୍ପକେ ରକ୍ଷା ପାଇଛନ୍ତି। ଟ୍ରକ୍ ଚାଳକ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କୁ ଚାନ୍ଦପୁର ଥାନାରେ ଅଟକ ରଖି ପୋଲିସ ତଦନ୍ତ କରୁଛି।



ଭାଙ୍ଗି ନଷ୍ଟ ହୋଇଥିବା ଦୋକାନ।

